Vol VIII Issue No.138 Saturday, 19 May 2007



Advertise to Explore Your Business
With Millions of People
gharabari.com





previous || next

# କେନ୍ଦ୍ର ବିରୋଧରେ ଅର୍ଥନୈତିକ ଅବରୋଧ ପାଇଁ ବିଜେଡିର ଆହ୍ୱାନ

Click to enlarge text: A A A A

ଭୁବନେଶ୍ୱର,୧୯।୫(ବ୍ୟୁରୋ) - କେନ୍ଦ୍ରର ଅବହେଳା ବିରୋଧରେ ଅର୍ଥନୈତିକ ଅବରୋଧ ପାଇଁ ବିଜେଡି ବୈଠକରେ ଆହ୍ୱାନ ଦିଆଯାଇଛି । କଂଗ୍ରେସ ଦଳ କରୁଥିବା ଅପପ୍ରଚାରକୁ ପ୍ରତିହତ କରିବା ଲାଗି ମଧ୍ୟ ଦଳ ପକ୍ଷରୁ କର୍ମୀ ଓ ନେତାମାନଙ୍କୁ ପରାମର୍ଶ ଦିଆଯାଇଛି । ବିଜେଡିର ଜିଲା ପରିଷଦ ସଭାପତି, ଉପସଭାପତି ଏବଂ ଜିଲା ପରିଷଦ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସମସ୍ତ ସଦସ୍ୟଙ୍କ ବୈଠକ ଆଜି ଦଳୀୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କଂଗ୍ରେସ ଦଳ କେବଳ ଅପପ୍ରଚାର କରିବାରେ ଲାଗିଛି, ନିର୍ବାଚନ ଆସିଲେ ବିରୋଧୀ ଦଳ ଯେମିତି ଡ୍ରାମା କରିଥାଏ । କେନ୍ଦ୍ର ସରକାର ନକ୍ସଲମାନଙ୍କୁ ପ୍ରତିହତ କରିବା ପାଇଁ ସହାୟତା କରୁଥିବା ବେଳେ ଏଠାରେ କଂଗ୍ରେସ ନେତାମାନେ ନକ୍ସଲଙ୍କୁ ପ୍ରୋତ୍ସାହିତ କରୁଛନ୍ତି । କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଯେଉଁ ଅର୍ଥ ଦେଉଛନ୍ତି ତାହା ତାଙ୍କର ନିଜସ୍ୱ ନୁହେଁ । ସବୁ ରାଜ୍ୟରୁ ସଂଗୃହୀତ ଅର୍ଥକୁ କେନ୍ଦ୍ର କେବଳ ବାଂଟୁଛି । କୋଇଲା ଓ ଖଣିଜ ପଦାର୍ଥ ରୟାଲ୍‌ଟି କ୍ଷେତ୍ରରେ ଓଡ଼ିଶାକୁ ଅବିଚାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ରାଜ୍ୟସଭା ଏମ୍.ପି. ପ୍ୟାରୀମୋହନ ମହାପାତ୍ର କହିଥିଲେ ଯେ, କେନ୍ଦ୍ରର ଅବିଚାର ବିରୋଧରେ ପାର୍ଲାମେଂଟରେ ପାଟିକଲେ କି ଦିଲ୍ଲୀରେ ଧାରଣା ଦେଲେ ହେବନାହିଁ, ଆମକୁ ଅର୍ଥନୈତିକ ଅବରୋଧ କରିବାକୁ ପଡିବ । କୋଇଲା ପରିବହନ ବନ୍ଦ କଲେ ଓ ରେଳ ଚଳାଚଳ ରୋକିଲେ ଯାଇ କେନ୍ଦ୍ରର ଚେତା ପଶିବ ବୋଲି ସେ କହିଛନ୍ତି ।

previous || next

**New York Times Newspaper**
denver - Get Home Delivery for as little as $3.15 per week!
www.nytimes.com

**Newspaper Classified Ads**
National-Regional for Any Budget! Order Ads Online. Great Service.
www.advertisingresults.com

**Newspaper Archives**
Find Newspaper Archives Millions of Articles- Subscribe Now
www.HighBeam.com

**Unlimited Calls To India**
Just $34.95 p.m. India/US/Canada First Month Free. Sign up now!
www.mpingi.com

©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.